Dharitri - Pg 13

# ସମ୍ମାନିତ ହେଲେ ପିଜିଡିଏସ୍-୨୦୨୨ର ବିଜେତା



ଭୁବନେଶ୍ୱର,୨୯।୬

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ(ବିଆଇପିଏଫ୍) ପକ୍ଷରୁ ଉଚ୍ଚଶିକ୍ଷା ପାଇଁ ପ୍ରଦାନ କରାଯାଉଥିବା ପ୍ରଫେସର ଘନଶ୍ୟାମ ଦାଶ ବୃତ୍ତି (ପିଜିଡିଏସ୍)-୨୦୨୨ର ବିଜେତା ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଛି। ବିଶେଷକରି ଇଞ୍ଜିନିୟରିଂ, ମେଡିସିନ ଏବଂ ଉଦାରବାଦୀ କଳା କ୍ଷେତ୍ରରେ ପେସାଦାର ଡିଗ୍ରୀ ହାସଲ କରିବା ପାଇଁ ପ୍ରତ୍ୟେକ ବର୍ଷ ୬ ମେଧାବୀ ଛାତ୍ରୀଛାତ୍ରଙ୍କୁ ବିଆଇପିଏଫ୍ ପକ୍ଷରୁ ଉପରୋକ୍ତ ବୃତ୍ତି ପ୍ରଦାନ କରାଯାଇଥାଏ। ଉକ୍ତ ବୃତ୍ତି ଅନ୍ତର୍ଗତ ଏକାଡେମିକ୍ ଫି'ର ୯୦% ଓ ୪ ବର୍ଷ ମଧ୍ୟରେ ହେବାକୁ ଥିବା ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ପ୍ରତ୍ୟେକ ବୃତ୍ତିଧାରୀଙ୍କୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ବିଆଇପିଏଫ୍ ପକ୍ଷରୁ ପ୍ରଦାନ କରାଯାଇଥାଏ। ଏ ସମ୍ପର୍କରେ ବିଆଇପିଏଫ୍‌ର ଟ୍ରଷ୍ଟି ତଥା ପ୍ରତିଷ୍ଠାତା ସିଇଓ ଶୈଫାଳିକା ପଣ୍ଡା କହିଥିଲେ, ପ୍ରଫେସର ଘନଶ୍ୟାମ ଦାଶ ବୃତ୍ତି ମେଧାବୀ ଛାତ୍ରୀଛାତ୍ରମାନଙ୍କ ପାଇଁ ବେଶ୍ ପ୍ରେରଣାଦାୟୀ ହୋଇପାରିଛି। ବିଶେଷକରି ପ୍ରତିଭାବାନ୍ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ସହାୟତା ରାଶି ଯୋଗାଇ ଦେଇପାରୁଥିବାରୁ ଆମେ ଗୌରବାନ୍ୱିତ ଅନୁଭବ କରୁଛୁ। ଚଳିତବର୍ଷଠାରୁ ସେମାନଙ୍କ ପାଇଁ ଆରମ୍ଭ କରାଯାଇଥିବା ମାର୍ଗଦର୍ଶନ ବ୍ୟବସ୍ଥା ଏହି ଯୁବପ୍ରତିଭାଙ୍କୁ ଏକ ସଫଳ ଯାତ୍ରାରେ ଅଗ୍ରସର କରାଇବା ସହିତ ନିଜ ପେସାଦାର କ୍ଷେତ୍ରରେ ସେମାନଙ୍କ ନେତୃତ୍ୱ କ୍ଷମତାକୁ ବୃଦ୍ଧି କରିବାରେ ସହାୟକ ହୋଇପାରିବ।

ଉଲ୍ଲେଖଯୋଗ୍ୟ,୨୦୨୨-୨୩ ଶିକ୍ଷା ବର୍ଷରେ ୩ ବୃତ୍ତିଧାରୀ ଯଥା ଅଙ୍କିତ ଝା (ଆଇଆଇଟି, ମୁମ୍ବାଇ), ଆଦିତ୍ୟ ନାରାୟଣ ରାଉତ (ଆଇଆଇଟି, ଦିଲ୍ଲୀ) ଏବଂ ଅନୀଶା ସାମନ୍ତରାୟ (ଆଇଆଇଟି ,ରୁର୍କି) ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଉଚ୍ଚଶିକ୍ଷା ହାସଲ କରୁଥିବାବେଳେ ଅନ୍ୟ ୩ ବୃତ୍ତିଧାରୀ ଯଥା ରୋହନ ରୂପମ୍ (ଏନ୍ଆଇଟି, ରାଉରକେଲା), ପ୍ରକାଶ କୁମାର ସାହୁ (ଭିସୁଟ୍, ବୁର୍ଲା) ଇଞ୍ଜିନିୟରିଂ କରୁଥିବା ବେଳେ ବାଦଲ କୁମାର ସାହୁ (ଏମ୍‌କେସିଜି ମେଡିକାଲ କଲେଜ) ମେଡିକାଲ ଡିଗ୍ରୀ ପାଠ୍ୟକ୍ରମରେ ଶିକ୍ଷା ଲାଭ କରୁଛନ୍ତି। ସୂଚନାଯୋଗ୍ୟ, ୨୦୦୫ରୁ ଇମ୍ଫା ପକ୍ଷରୁ ଆରମ୍ଭ ହୋଇଥିବା ଏହି ମେଧାବୃତ୍ତି ସ୍ୱର୍ଗତ ପ୍ରଫେସର ଘନଶ୍ୟାମ ଦାଶ(ସ୍ୱର୍ଗତ ଇଲା ପଣ୍ଡାଙ୍କ ପିତା)ଙ୍କ ନାମରେ ନାମିତ କରାଯାଇଛି। ଏପରିକି ୨୦୧୬ରୁ ବିଆଇପିଏଫ୍ ପକ୍ଷରୁ ଏହି ମେଧାବୃତ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରାଯାଉଥିବାବେଳେ ବର୍ତ୍ତମାନ 'ମେଣ୍ଟରଶିପ୍' କାର୍ଯ୍ୟକ୍ରମ (ଉତ୍ସାହ) ପାଇଁ ଏଥିରେ ଆଉ ଏକ ଅର୍ଥପୂର୍ଣ୍ଣ ଦିଗନ୍ତକୁ ସଂଯୁକ୍ତ କରାଯାଇଛି।